## ତହସିଲଦାରଙ୍କ କାର୍ଯ୍ୟାଳୟ, ବଲାଙ୍ଗିର
## ଇସ୍ତାହାର

ବିଜ୍ଞାପନ ସଂଖ୍ୟା - 1473
ତାରିଖ – 22.4.2020

### ଲଘୁଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବଲାଙ୍ଗିର ତହସିଲ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ନଦୀ, ବାଲି ଓ ପଥର ଉତ୍ସ ଗୁଡ଼ିକର ଆସନ୍ତା 5 ବର୍ଷ ନିମନ୍ତେ ସନ 2020-2021 ଆର୍ଥିକ ବର୍ଷ ଠାରୁ ସନ 2024 -2025 ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ 2016 ଅଇନ ଅନୁଯାୟୀ ) ଫର୍ମ ନଂ. M ପୁରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟାକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପା ଜରିଆରେ ତହସିଲଦାର, ବଲାଙ୍ଗିର ଠିକଣାରେ ତହସିଲ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ଆସନ୍ତା ତା. 23.04.2020 ରିଖ ଠାରୁ 15.05.2020 ରିଖ ସମୟ 1.30 ଘଟିକା ପର୍ଯ୍ୟନ୍ତ ପକାଇପାରିବେ । ( ଛୁଟି ଦିନ ବ୍ୟତୀତ ) ତହସିଲ କାର୍ଯ୍ୟାଳୟ ଟେଣ୍ଡର ବାକ୍ସ ତା. 16.05.2020 ରିଖ 10.30 ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ସମୟ ଓ ତାରିଖ ଅତିବାହିତ ହେବା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ତନଖି ସମୟରେ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟରେ ଯିଏ ଅନୁପସ୍ଥିତ ରହିବେ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଏହି ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା ୱେବସାଇଟ୍ www.balangir.nic.in ରେ ଉପଲବ୍ଧ ଅଟେ । ଯଦି ଉକ୍ତ ଦିବସରେ କୌଣସି କାରଣରୁ ନିଲାମ କାର୍ଯ୍ୟ ଶେଷ ନହୋଇ ପାରେ ନଚେତ ପରିବର୍ତ୍ତି ତା. 30.05.2020 ଓ 06.06.2020 ରିଖରେ ପର୍ଯ୍ୟୟ କ୍ରମେ ନିଲାମ କାର୍ଯ୍ୟ ପରିଚାଳିତ ହେବ । ଆବଶ୍ୟାକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ, ରଦ୍ଦ କରିପାରିବେ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ**

01. ଦରଖାସ୍ତ ପାଉଣା ବାବଦକୁ ଟ. 1000/- ଏକ ହଜାର ଟଙ୍କାର ଟ୍ରେଜେରୀ ଚାଲାଣ ନିମ୍ନ ହେଡରେ ପ୍ରଦାନ କରିବେ ( Head of Account-0853 Non Ferrous mining & Metallurgical Industries-102-Mineral concession fees rent and royalties)
02. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧରେ ସତ୍ୟପାଠ ପ୍ରଦାନ କରିବେ ।
03. ଆବେଦନକାରୀ ରୟାଲଟି ଓ ଅତିରିକ୍ତ ଦେୟ ବାବଦକୁ ବାର୍ଷିକ 5% ହାରରେ ସ୍ଥିରିକୃତ ହୋଇଥିବା ବାଲିର ପରିମାଣ ଉପରେ ଦେୟ ଅମାନତ ରାଶି (Earnest Money ) ଦେୟ ଡିମାଣ୍ଡ ଡ୍ରାପ ଆକାରେ ପୈଠ କରିବେ ।
04. Rule 27 (IV) of OMMC, Rule 2016 ମୁତାବକ 18 ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ମୂଲ୍ୟ ବାର୍ଷିକ ସର୍ବ ନିମ୍ନ ସ୍ଥିରିକୃତ ହୋଇଥିବା ଲଘୁଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲଟି ପ୍ରଦାନ କରୁଥିବା ଅତିରିକ୍ତ ଦେୟର Additional Charges ମୂଲ୍ୟ ଠାରୁ କମ୍ ହୋଇଥିବା ଏବଂ ଏଥି ସହିତ ସଂପୃକ୍ତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।
05. ଆବେଦନ କରିଥିବା ଲିଜ ଜମିର ସଂପୂର୍ଣ୍ଣ ବିବରଣୀ ଓ ସରଜମିନ ପରିଦର୍ଶନ କରି ସଂଲଗ୍ନ କରିବେ ।
06. ସର୍ବୋଚ୍ଚ ନିଲାମ ଡକାଳି ( Successful bidder ) Mining Plan and Environment Clearance ବାବଦକୁ ଦେୟ ପୈଠ କରିବେ ।

22/4/2020
ତହସିଲଦାର, ବଲାଙ୍ଗିର

<u>ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖାଦାନ ବିବରଣୀ</u>

| କ୍ର. ନଂ | ସୈରାତ ଉତ୍ସର ନାନ ଏବଂ କେସ ନଂ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା Ac. | କିସମ | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲଟି ମୂଲ୍ୟ (Percum) ଟଙ୍କାରେ | ଅତିରିକ୍ତ ଦେୟ (Additional Chargecum) ଟଙ୍କାରେ | M.GQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି Earnest Money ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|
| 1 | ଚନ୍ଦନଭାଟି | ଚନ୍ଦନଭାଟି | 286 | 85 | ~~[illegible]~~ 12.00 | ନଦୀ ସୁକତେଲ | ବାଲି | 35.00 | 4.00 | 4000 | 7800 |
| 2 | କୁଟୁମଡୋଲା | କୁଟୁମଡୋଲା | 170 | 211 | 8.00 | ନଦୀ ସୁକତେଲ | ବାଲି | 35.00 | 4.00 | 4000 | 7800 |
| 3 | ବାସୁପାଲି - 5 | ବାସୁପାଲି - 5 | 14 | 79-A 101-A | 4.50 | ପଥରଚଟାଣ | ପଥର | 130.00 | 8.00 | 4864 | 33562 |
| 4 | ବାସୁପାଲି – 3 | ବାସୁପାଲି - 3 | 14 | 79-B2 | 5.00 | କୁଦର | ପଥର | 130.00 | 8.00 | 4063 | 28035 |
| 5 | ଢୁଲୁଶର | ଢୁଲୁଶର | 125 | 108<br>110<br>113 | 1.43<br>2.90<br>0.38 | କୁଦର | ପଥର | 130.00 | 8.00 | 2540 | 17526 |
| 6 | ବରକାନୀ | ବରକାନୀ | 112 | 52 | 1.84 | କୁଦର | ପଥର | 130.00 | 8.00 | 1500 | 10350 |
| 7 | ଭାନୁପୁର – 3 | ଭାନୁପୁର-3 | 59 | 444-B | 1.00 | କୁଦର | ପଥର | 130.00 | 8.00 | 1410 | 9729 |
| 8 | ବାସୁପାଲି - 1 | ବାସୁପାଲି-1 | 14 | 101-B | 4.40 | କୁଦର | ପଥର | 130.00 | 8.00 | 4550 | 31395 |
| 9 | ଫଟକାରା | ଫଟକାରା | 151 | 1236<br>1276 | 6.80<br>1.30 | କୁଦର | ପଥର | 130.00 | 8.00 | 2600 | 17940 |

ତହସିଲଦାର, ବଲାଙ୍ଗିର

ପତ୍ର ସଂଖ୍ୟା. 1474 ତାରିଖ. 22-4-2020

ଏହାର ଏକ ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର/ ଉପଜିଲ୍ଲାପାଳ,ବଲାଙ୍ଗିର କାର୍ଯ୍ୟାନିର୍ବାହୀ ଅଧିକାରୀ ପୌରପରିଷଦ୍, ବଲାଙ୍ଗିର ଗୋଷ୍ଠିଉନ୍ନୟନ ଅଧିକାରୀ, ବଲାଙ୍ଗିର ଓ ଗୋଷ୍ଠିଉନ୍ନୟନ ଅଧିକାରୀ, ପୁଇନ୍ତଲା ଙ୍କ ଅବଗତି ତଥା କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକ ଏକକିତା ନକଲ ସମସ୍ତ ରାଜସ୍ବ ନିରୀକ୍ଷକ ଙ୍କ ଅବଗତି ତଥା କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ ବଲାଙ୍ଗିର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ ପାଇଁ ଛପାଗଲା ।

ଏହାର ଏକକିତା ନକଲ D.I.O NIC, Collectorate,Balangir for hosing the copy the notice in the district website.

22/4/2020

ତହସିଲଦାର, ବଲାଙ୍ଗିର